# ବସ୍‌ଭଡ଼ା

ବସ୍‌ଭଡ଼ା ବୃଦ୍ଧି ବିରୁଦ୍ଧରେ ବିରୋଧୀ ଦଳ ପକ୍ଷରୁ ଦିଆଯାଉଥିବା ଆନ୍ଦୋଳନ-ଡାକରା ଯେତିକି ଅଯୌକ୍ତିକ, ଆନ୍ଦୋଳନର ବ୍ୟର୍ଥତାରୁ ସରକାରଙ୍କର ଆତ୍ମସନ୍ତୋଷ ଏବଂ ଆନନ୍ଦଲାଭ କରିବା ସେତିକି ହାସ୍ୟାସ୍ପଦ। ବସ୍‌ଭଡ଼ା ବୃଦ୍ଧି ସମ୍ପୂର୍ଣ୍ଣ ଅପ୍ରତ୍ୟାଶିତ ନୁହେଁ। ବହୁପୂର୍ବରୁ ସରକାର ବସଭଡ଼ା ବୃଦ୍ଧି କରିବେ ବୋଲି ସୂଚନା ଦେଇ ସାରିଥିଲେ। ଖବରକାଗଜରେ ବିଜ୍ଞାପନ ଦ୍ୱାରା ବସ ଚଳାଚଳର ଯେଉଁ ଖର୍ଚ୍ଚ ଅଟକଳ ପ୍ରକାଶ ପାଇଥିଲା, ସେଥିରୁ ଏ ବୃଦ୍ଧିର ପରିମାଣ କେତେ ହେବ— ତାହା ମଧ୍ୟ ଅନୁମାନ କରାଯାଇ ପାରୁଥିଲା। କେବଳ ପୂଜାଛୁଟି ଅବସରରେ ଏ ବୃଦ୍ଧିକୁ ଲାଗୁ କରିବାର ନିଷ୍ପତ୍ତି ନେଇ, ସରକାର ସାଧାରଣ ଜନତାଙ୍କର ଏକ ଦୁର୍ବଳ ମୁହୂର୍ତ୍ତର ସୁଯୋଗ ନେଇଛନ୍ତି ମାତ୍ର! ଏହା ଦ୍ୱାରା ରାଜନୈତିକ ଦୃଷ୍ଟିକୋଣରୁ, ସରକାର ବିଚକ୍ଷଣତା ଦେଖାଇ ବାଜି ଜିଣିଗଲେ ବୋଲି କୁହାଯାଇ ପାରେ। ଠିକ୍ ସେହି କାରଣରୁ ବିରୋଧୀ ଦଳମାନେ ଏହି ଦୁର୍ବଳ ମୁହୂର୍ତ୍ତରେ ଆନ୍ଦୋଳନର ଡାକରା ଦେଇ ନିଜର ରାଜନୈତିକ ଅଦୂରଦର୍ଶିତାର ପରିଚୟ ଦେଇଛନ୍ତି ବୋଲି ମଧ୍ୟ କୁହାଯାଇ ପାରେ। ଏହା ସର୍ବଜନବିଦିତ ଯେ ୧୯୮୧ ମସିହାଠାରୁ ବସ୍‌ଭଡ଼ା ବଢ଼ି ନଥିଲା। ଗତ ଚାରିବର୍ଷ ମଧ୍ୟରେ ସବୁ କ୍ଷେତ୍ରରେ ଦରଦାମ ବଢ଼ିଥିବା ଦୃଷ୍ଟିରୁ, ବସ୍ ଚଳାଚଳ ଖର୍ଚ୍ଚରେ ମଧ୍ୟ ଅନୁରୂପ ବୃଦ୍ଧି ହେବା ସ୍ୱାଭାବିକ। ତେଣୁ ଭଡ଼ାବୃଦ୍ଧି ବିରୋଧରେ ଆନ୍ଦୋଳନର ଡାକରା ଦେବା ପଛରେ କୌଣସି ଯୁକ୍ତି ଥିଲାପରି ମନେ ହୁଏ ନାହିଁ। ବିଶେଷ କରି, ଯେତେବେଳେ ଓଡ଼ିଶାରେ କିଲୋମିଟର ପିଛା ଭଡ଼ା ଏବେ ବି ଅନ୍ୟ ରାଜ୍ୟମାନଙ୍କ ତୁଳନାରେ କମ୍ ଅଛି। ତେବେ ଗୋଟିଏ ପ୍ରଶ୍ନ କରାଯାଇପାରେ, ସରକାର ଏ ଭଡ଼ା ବଢ଼ାଇବା ପାଇଁ ଏତେଦିନ ପର୍ଯ୍ୟନ୍ତ ଅପେକ୍ଷା କଲେ କାହିଁକି? ୧୯୮୧ ଓ ୧୯୮୫ ମଧ୍ୟରେ ଶତକଡ଼ା ୪୭ ଭାଗ ଭଡ଼ା-ବୃଦ୍ଧିକୁ ଦୁଇବର୍ଷ ବ୍ୟବଧାନରେ ଦୁଇଟି କିସ୍ତିରେ କରିଥିଲେ, ହୁଏତ ସାଧାରଣ ଜନତାକୁ ଆଜି ତାହା ଏତେଟା ବାଧୁନଥାନ୍ତା।

ଓଡ଼ିଶାର କ୍ରମବର୍ଦ୍ଧିଷ୍ଣୁ ଅର୍ଥନୀତିରେ ଯୋଗାଯୋଗ ଏବଂ ଗମନାଗମନର ଗୋଟିଏ ବିଶେଷ ଭୂମିକା ରହିଛି ଏବଂ ଏହା ଶିଳ୍ପ-ବିକାଶ ପାଇଁ ଯେଉଁ ଭିତ୍ତିଭୂମି କଥା କୁହାଯାଉଛି— ତାହାର ଏକ ଅବିଚ୍ଛେଦ୍ୟ ଅଂଗ। ସେ ଦୃଷ୍ଟିରୁ, ଗମନାଗମନର ସୁବିଧା କରାଇବା ସରକାରଙ୍କର ଏକ ଗୁରୁଦାୟିତ୍ୱ। ମାତ୍ର ଗତ ପାଞ୍ଚବର୍ଷର ସରକାରଙ୍କର ପରିବହନ-ନୀତି ସେପରି ଗ୍ରହଣୀୟ ହୋଇପାରି ନାହିଁ। ବ୍ୟାନର୍-ଯୋଜନାର ଆଶାନୁରୂପ ସଫଳତା ନ ହେବା ପରେ, ପୁଣି ଏକ ନୂତନ ଯୋଜନା ସରକାର ହାତକୁ ନେଇଛନ୍ତି। କୌଣସି ଯୋଜନା, ନୀତିଗତ ଦୃଷ୍ଟିରୁ ଭୁଲ ନୁହେଁ। କିନ୍ତୁ ବିଭିନ୍ନ ପରିସ୍ଥିତି, ପରିବେଶ ଓ ମନୋଭାବକୁ ଆଖି ଆଗରେ ରଖି ଯୋଜନାଗୁଡ଼ିକ କରାଯାଇଥାଏ। ଯଦି ଏମାନଙ୍କ ମଧ୍ୟରେ ତାଳମେଳ ନ ରହେ, ତେବେ ଯୋଜନାରେ ଆଶାନୁରୂପ ସଫଳତା ହାସଲ କରାଯାଇ ପାରେ ନାହିଁ। ପରିଚାଳନାଗତ ତ୍ରୁଟି, ବ୍ୟାପକ ଦୁର୍ନୀତି ଓ ହାନମାନ୍ୟତାର ଶିକାର ଯଦି କେଉଁ ବିଭାଗଗୁଡ଼ିକ ହୋଇଥାଏ— ତା'ହେଲେ ପରିବହନ ବିଭାଗ ସେଗୁଡ଼ିକ ମଧ୍ୟରେ ହୁଏତ ସବୁଠୁ ଆଗୁଆ। ତେଣୁ ସରକାରଙ୍କ ଭଡ଼ା-ବୃଦ୍ଧି ନୀତି ସଂକ୍ରାନ୍ତରେ ବିଶେଷ କିଛି କହିବାର ନ ଥିଲେ ମଧ୍ୟ ଗୋଟିଏ କଥା ନିଶ୍ଚୟ କହିବୁ— ସରକାର ଭଡ଼ା ବଢ଼ାନ୍ତୁ; କିନ୍ତୁ ଅନ୍ୟାନ୍ୟ ତ୍ରୁଟିସବୁ ସମ୍ଭାଳିବା ପାଇଁ ବ୍ୟବସ୍ଥା କରନ୍ତୁ। ସବୁଠାରୁ ଦୁଃଖର ବିଷୟ, ଓଡ଼ିଶା ସରକାରଙ୍କର ଖୋଦ୍ ପରିବହନ ମନ୍ତ୍ରୀ ନିଜେ ସ୍ୱୀକାର କରୁଛନ୍ତି ଯେ ତାହା ପରିଚାଳନା 'ଏକଦମ୍ ଢିଲା'! ଏବଂ ଆମେସବୁ ତାହାକୁ ଶୁଣୁଛୁ, ହସୁଛୁ ଓ ନୀରବ ରହୁଛୁ। ସେହି କାରଣରୁ ସାଧାରଣ ଜନତା ଏବଂ ବିରୋଧୀ ଦଳର ଯଦି ପ୍ରତିବାଦ କରିବାକୁ କିଛି ଥାଏ, ତା'ହେଲେ ତାହା ଭଡ଼ା ବୃଦ୍ଧି ବିରୁଦ୍ଧରେ ନୁହେଁ— ବରଂ ପରିବହନ ନିଗମ ଓ ବିଭାଗମାନଙ୍କରେ ଦେଖା ଦେଇଥିବା ବିଭିନ୍ନ ତ୍ରୁଟିବିଚ୍ୟୁତି ବିରୁଦ୍ଧରେ।

ଆମର ଆଶା ଓ ବିଶ୍ୱାସ, ସରକାର ଏ ବିଷୟରେ ଟିକିଏ ଅଧିକ ଯତ୍ନଶୀଳ ହେବେ ଏବଂ ପରିବହନ ବିଭାଗ ଓ ନିଗମକୁ ସଜାଡ଼ିବା ପାଇଁ ଚେଷ୍ଟା କରିବେ।

ସୌମ୍ୟ ରଞ୍ଜନ ପଟ୍ଟନାୟକ